## ସଂକ୍ଷେପରେ

### ରାଜନୀତି ବିଜ୍ଞାନ, ଇତିହାସ ବିଭାଗ ପାଠଚକ୍ର

**ଜଗନ୍ନାଥପ୍ରସାଦ,୪।୮(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଆଞ୍ଚଳିକ ଡିଗ୍ରୀ କଲେଜ ଆନୁକୂଲ୍ୟରେ ରାଜନୀତି ବିଜ୍ଞାନ ଓ ଇତିହାସ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପାଠଚକ୍ର ଦ୍ୱୟକୁ ଅଧକ୍ଷ ସନାତନ ସାହୁ ଉଦ୍‌ଘାଟନ କରିଥିଲେ। ପାଠଚକ୍ର ସନ୍ଦର୍ଭଗୁଡ଼ିକୁ ଛାତ୍ରୀ ସନ୍ତୋଷିନୀ ନାୟକ, ମୋନାଲିସା ସେଠୀ ପାଠ କରିଥିଲେ। ବହୁ ଛାତ୍ରୀଛାତ୍ର ବିତର୍କରେ ଭାଗ ନେଇଥିଲେ। ଇତିହାସ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ଚୌଧୁରୀ ଛାତ୍ରୀଛାତ୍ରଙ୍କୁ ଇତିହାସ ସମ୍ବନ୍ଧୀୟ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ଅଧକ୍ଷ ବିରଞ୍ଚି ନାରାୟଣ ପ୍ରଧାନ ପ୍ରସଙ୍ଗ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ଇତିହାସ ବିଭାଗ ଅଧାପକ ବିଭୂତି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସରୋଜ କୁମାର ନାୟକ, ଅଧାପକ ବିରଞ୍ଚି ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

### ସାହିତ୍ୟ ସେବା ସଂସଦର କବିତା ଆସର

**ପାତ୍ରପୁର,୪।୮(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ସୁରଙ୍ଗି କୀର୍ତ୍ତିଚନ୍ଦ୍ର ପାଠାଗାର ପରିଷଦରେ ରବିବାର ଉପାନ୍ତ ସାଂସ୍କୃତିକ ସାହିତ୍ୟ ସେବା ସଂସଦ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ଓ ବର୍ଷା ଶୀର୍ଷକ କବିତା ଆସର ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂସଦ ସଭାପତି ସୁଦୀପ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ଶିକ୍ଷକ ସଂଘ ସଭାପତି ଶଶାଙ୍କ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଗୌରୀ ଶଙ୍କର ହୋତା, ସମ୍ମାନିତ ଅତିଥି ଭାବେ ଦଣ୍ଡପାଣି ପଣ୍ଡା ଯୋଗ ଦେଇଥିଲେ। ପରେ କବୟିତ୍ରୀ ଓ କବିମାନଙ୍କୁ ନେଇ 'ବର୍ଷା' ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଥିଲା । ନିଶାମଣି ପ୍ରଧାନ, କଳ୍ପଲତା ମହାରଣା, ମଞ୍ଜୁଶ୍ରୀ ମହାରଣା, ଯୁବ କବି ସବ୍ୟସାଚୀ ଉଦଣ୍ଡରାୟ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।

### ଟାକରଡ଼ା କ୍ଲଷ୍ଟରରେ ସ୍ୱାଗତ, ବିଦାୟ ସମ୍ବର୍ଦ୍ଧନା

**ବୁଗୁଡ଼ା,୪।୮(ଡି.ଏନ.ଏ.)**-ବୁଗୁଡ଼ା ବ୍ଲକ ଟାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନୂତନ ଓ ପୁରାତନ ସିଆରସିଙ୍କୁ କ୍ଲଷ୍ଟର ସ୍ତରୀୟ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିପାଇଁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀ ସଭାପତିତ୍ୱ କରିଥିଲେ। ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଓ ପୀତାମ୍ବର ବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।
ଏହି ଅବସରରେ ନୂତନ ସିଆରସିସି ଆଶୁତୋଷ ମିଶ୍ରଙ୍କୁ ସ୍ୱାଗତ ଏବଂ ପୁରାତନ ସିଆରସିସି ରାମଚନ୍ଦ୍ର ସାସମଲଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍ସବରେ କ୍ଲଷ୍ଟରର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ ।

### ମୁଖ୍ୟରାସ୍ତାରେ ଡ୍ରେନପାଣି

**ପାରଳାଖେମୁଣ୍ଡି, ୪।୮ (ସ୍ୱ.ପ୍ର.) :** ସ୍ଥାନୀୟ ରାଜନଅର ସମ୍ମୁଖ ଛକରେ ବର୍ଷାପାଣି ଓ ଆବର୍ଜନା ଜମି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ମାସେତଳେ ଏଠାରେ ଏକ ଡ୍ରେନ୍ ନିର୍ମାଣ କରାଯାଇଥିବାବେଳେ ଏଠାରେ ଦୂଷିତ ପାଣି ରାସ୍ତା ଉପରେ ପଡ଼ିବା ଯୋଗୁ ଲୋକଙ୍କ ଯାତାୟାତରେ ମଧ ସମସ୍ୟା ସୃଷ୍ଟି ହେଉଛି। ପାରଳାଖେମୁଣ୍ଡି ରାଜା ଏବଂ ରାଜ ନହର ସମଗ୍ର ରାଜ୍ୟରେ ପ୍ରସିଦ୍ଧି ହାସଲ କରିଛି। ହେଲେ ସେହି ରାଜଉଆଁସ ଛକରେ ଏଭଳି ସ୍ଥିତି ଯୋଗୁ ଏହାକୁ ବୁଦ୍ଧିଜୀବୀଙ୍କ ମହଲରେ ନିନ୍ଦା କରାଯାଇଛି। ନିକଟରେ ଏହି ମୁଖ୍ୟ ଡ୍ରେନ୍‌ର ସଫେଇପାଇଁ ପୌରପରିଷଦ ପକ୍ଷରୁ ବ୍ୟୟବରାଦ ହୋଇଥିଲେ ମଧ ପୁଣି ସେହି ଅବସ୍ଥା ସୃଷ୍ଟି ହୋଇଛି। ଅସରାଏ ବର୍ଷାପରେ ଏଠାକାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଏହି ରାସ୍ତା ସହରର ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ଏହି ରାସ୍ତା ଦେଇ ଅନେକ ଶିକ୍ଷାନୁଷ୍ଠାନକୁ ବିଦ୍ୟାର୍ଥୀମାନେ ଯିବା ଆସିବା କରିଥାନ୍ତି । ତେଣୁ ଏହା ଏକ ମୁଖ୍ୟରାସ୍ତା ହୋଇଥିବାରୁ ପୌର ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟିଦେବାପାଇଁ ଦାବି ହୋଇଛି।

### ■ ଦୁଇହଜାର ନୂଆ ଜୁନିୟର ଡାକ୍ତର ପଦବୀ ସୃଷ୍ଟି

# ଛତ୍ରପୁର ହସ୍ପିଟାଲ ପ୍ରତି ଅବହେଳା ଅଭିଯୋଗ

**ଛତ୍ରପୁର,୪।୮(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୦୦ ନୂଆ ଜୁନିୟର ଡାକ୍ତର ପଦବୀ ସୃଷ୍ଟି ହୋଇଛି। ଏହାକୁ ରାଜ୍ୟପାଳ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏନେଇ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ଉପଖଣ୍ଡ ହସ୍ପିଟାଲ ପାଇଁ ଉକ୍ତ ନୂତନ ପଦବୀରୁ ଗୋଟିଏ ମଧ ନିଯୁକ୍ତି ବ୍ୟବସ୍ଥା ନ ଥିବା ତାଲିକାରୁ ଜଣାପଡିଛି । ଏନେଇ ଛତ୍ରପୁର ଉପଖଣ୍ଡ ହସ୍ପିଟାଲକୁ ପୁଣି ଅବହେଳା କରାଯାଇଥିବା ନେଇ ମଣ୍ଡଳ ଭାଜପା ସଭାପତି ତଥା ଓକିଲ ପ୍ରଦୀପ ପାଢୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଛତ୍ରପୁର ହସ୍ପିଟାଲରେ ୨୨ ଡାକ୍ତର ରହିବା ବଦଳରେ ମାତ୍ର ୮ ଜଣ ଅଛନ୍ତି । ଏଣୁ ଏଠାରେ ନୂତନ ଡାକ୍ତର ନିଯୁକ୍ତି ହେଲେ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ସେ ଦାବି କରିଛନ୍ତି । ଉକ୍ତ ୮ ଙ୍କ ମଧ୍ୟରେ ଜଣେ ସିନିୟର ଡାକ୍ତର ଓ ଅନ୍ୟ ୭ ସ୍ପେଶାଲିଷ୍ଟ ରହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୧୨ ଜୁନିୟର ଡାକ୍ତର ଓ ୧୦ ସ୍ପେଶାଲିଷ୍ଟ ରହିବା କଥା । ମାତ୍ର ଛତ୍ରପୁର ହସ୍ପିଟାଲରେ ଜଣେ ମଧ ଜୁନିୟର ଡାକ୍ତର ନାହାନ୍ତି। ଜୁନିୟର ଡାକ୍ତର ନିଯୁକ୍ତ ହେଲେ ଛତ୍ରପୁର ହସ୍ପିଟାଲରେ ଲାଗି ରହିଥିବା ଡାକ୍ତର ସମସ୍ୟା ଦୂର ହୋଇପାରିବ ବୋଲି ଓକିଲ ପାଢୀ କହଛନ୍ତି। ଏବେ ଜିଲାରେ ଛତ୍ରପୁର ଓ ଭଞ୍ଜନଗରରେ ଉପଖଣ୍ଡ ହସ୍ପିଟାଲ, ବ୍ରହ୍ମପୁରରେ ହେଡକ୍ୱାର୍ଟର ହସ୍ପିଟାଲ ତଥା ସିଟି ହସ୍ପିଟାଲ ରହିଛି । ଏଥିସହ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଜିଲାର ଆସିକା ଓ ହିଞ୍ଜିଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ହସ୍ପିଟାଲ ମାନ୍ୟତା ଦେଇ ଏଠାରେ ଡାକ୍ତର ପଦବୀ ପୂରଣ ପାଇଁ ନୂତନ ଭାବେ ସୃଷ୍ଟି ହୋଇଥିବା ୨୦୦୦ ଡାକ୍ତର ପଦବୀରେ ବ୍ୟବସ୍ଥା କରାଯାଇଛି । ଉକ୍ତ ତାଲିକାରୁ ମିଳିଥିବା ସୂଚନା ଅନୁସାରେ ଆସିକା ଉପଖଣ୍ଡ ହସ୍ପିଟାଲ ପାଇଁ ୧୨ ଓ ହିଞ୍ଜିଳି ଉପଖଣ୍ଡ ହସ୍ପିଟାଲ ପାଇଁ ୧୩ ଜୁନିୟର ଡାକ୍ତର ପଦବୀ ସୃଷ୍ଟି ହୋଇଛି । ସେହିପରି ବରିଡା, ସୁନାଥର ଓ ହୁଗୁଳାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂଆ) ପାଇଁ ଗୋଟିଏ ଲେଖାଏ ଜୁନିୟର ଡାକ୍ତର ପଦବୀ ସୃଷ୍ଟି ହୋଇଛି ।

### ■ ଓକିଲ ସଂଘ ପ୍ରତିନିଧି ଦଳର ପରିଦର୍ଶନ

# ଛତ୍ରପୁର ହସ୍ପିଟାଲରେ ଡାକ୍ତର ଅଭାବ ନେଇ ପ୍ରତିକ୍ରିୟା

**ଛତ୍ରପୁର,୪।୮(ଡି.ଏନ.ଏ.)**

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରରେ ଥିବା ଉପଖଣ୍ଡ ହସ୍ପିଟାଲରେ ଡାକ୍ତର ଅଭାବ ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ଏଠାରେ ୨୨ ଡାକ୍ତରଙ୍କ ବଦଳରେ ବର୍ତ୍ତମାନ ୮ ଜଣ ଅଛନ୍ତି । ଏଥିଲାଗି ସମସ୍ୟା ସୃଷ୍ଟି ହେଉଛି । ପୂର୍ବରୁ ଏଠାରେ ଡାକ୍ତର ପଦବୀ ପୂରଣ ନେଇ ଛତ୍ରପୁର ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଓକିଲ ସଂଘ ପ୍ରତିନିଧିଙ୍କ ପକ୍ଷରୁ ଜିଲାପାଳଙ୍କୁ ଭେଟି ଅବଗତ କରାଯାଇଛି। ଏଥିସହ ବ୍ରହ୍ମପୁର ଏମ୍‌ପି ଓ ବିଧାୟକଙ୍କୁ ଏଠାରେ ଡାକ୍ତର ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ଛତ୍ରପୁର ନାଗରିକ କମିଟି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରି ଦୃଷ୍ଟି ଆକର୍ଷଣ କରିଛନ୍ତି। ଛତ୍ରପୁରର ବିଭିନ୍ନ ସଂଗଠନ ମଧ ଏହାକୁ ସମର୍ଥନ କରିଆସୁଛି । ଅନ୍ୟପକ୍ଷରେ ଓକିଲ ସଂଘ ସଭାପତି କେ. ଶିବରାମ ରେଡ୍ଡୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରବିବାର ହସ୍ପିଟାଲକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସେଠାରେ ମାତ୍ର ୨ ଜଣ ଡାକ୍ତର ରୋଗୀ ସେବା କରୁଥିବା ଏମାନେ ଦେଖିବାକୁ ପାଇଥିଲେ । ଡାକ୍ତର ଅଭାବ ଯୋଗୁ ବହୁ ରୋଗୀ ଲମ୍ବା ଧାଡିରେ ଠିଆ ହୋଇ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଥିଲେ ବୋଲି କୁହାଯାଇଛି। ହସ୍ପିଟାଲ ସମସ୍ୟା ସମ୍ପର୍କରେ ଛତ୍ରପୁର ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଏହାର ଆଶୁ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ଯଦି ସ୍ୱାସ୍ଥ୍ୟସେବାରେ ସୁଧାର ଅଣା ନ ଯାଏ, ତେବେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଂଘ ସଭାପତି ରେଡ୍ଡୀ ରବିବାର ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ସଭାପତି ରେଡ୍ଡୀଙ୍କ ସହ ରାମଚନ୍ଦ୍ର ବେହେରା, କେ. କମଳ ଲୋଚନ ଦାଶ, ଶଶି ପଟ୍ଟନାୟକ, ଟି.ମୋହନ ରାଓ ଓ ସୁରେଶ ପଟ୍ଟନାୟକ ପ୍ରମୁଖ ହସ୍ପିଟାଲକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଏହା ଦେଖିବା ପରେ ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏ ନେଇ ସୋମବାର ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଛତ୍ରପୁରସ୍ଥିତ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ୍‌ରେ ଅନୁଷ୍ଠିତ ହେବ ବୋଲି ଓକିଲ ସଂଘ ସଭାପତି ରେଡ୍ଡୀ ସୂଚନା ଦେଇଛନ୍ତି । ଏଥିରେ ହସ୍ପିଟାଲ ସମସ୍ୟା ନେଇ ଆଲୋଚନା ହେବ ବୋଲି ଜଣାପଡିଛି ।

**ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ ଆଜି**

# ଆମ ପୋଲିସ ସମିତି ବୈଠକ



ଉପସ୍ଥିତ ନିମନ୍ତ୍ରିତ ଅତିଥି।

**କୁକୁଡ଼ାଖଣ୍ଡି,୪।୮(ଡି.ଏନ.ଏ.)**

ଆଙ୍କୁଶପୁର ସଦର ଥାନାରେ ଆମ ପୋଲିସ ସମିତି ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଭାବାନନ୍ଦ ପ୍ରଧାନ, ସେକେଣ୍ଡ ଅଫିସର ବିଭୂତି ଭୂଷଣ ସେଠୀ, ମହେନ୍ଦ୍ର କୁମାର ସାହୁ, ଏସ୍‌ଆଇ ସୁରେଶ ସାହୁ, ଝୁନୁବାଲା ସାସମଲ ଓ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଥାନାଧିକାରୀ ଏବଂ ସେକେଣ୍ଡ ଅଫିସର ଏଟିଏମ କାଉଣ୍ଟରରେ ଏଟିଏମ ଠକେଇ, ଫେକ୍ କଲ, ନକଲି ପୋଲିସ ପ୍ରତି ସଜାଗ ଆଦି କ୍ଷେତ୍ରରେ ଅତିଥିମାନଙ୍କୁ ବୁଝାଇଥିଲେ। ସେନେଇ ବଉଳଖୋଳି ସରପଞ୍ଚ ପ୍ରତିନିଧି ବି. ରବୀନ୍ଦ୍ର ନିଜ ପଞ୍ଚାୟତରେ ଥିବା ମଦ ଦୋକାନଗୁଡ଼ିକରେ ପ୍ରତିଦିନ ସନ୍ଧ୍ୟାରେ ଏବଂ କେନାଲ ରାସ୍ତାରେ ପାଟ୍ରୋଲିଂ କରିବା ପାଇଁ କହିଥିଲେ । ନିମଖଣ୍ଡିରୁ ଗେଟବଜାର ରାସ୍ତା ନାଳ ଖୋଳାରୁ ଖାଲଢ଼ିପ ହୋଇ କଦର୍ଯ୍ୟ ହୋଇଥିବା ବୋରିଗାଁ ସରପଞ୍ଚ ବସନ୍ତ ସାହୁ ଏହାର ସମାଧାନ ପାଇଁ ନିବେଦନ କରିଥିଲେ। ଏ ନେଇ ସେକେଣ୍ଡ ଅଫିସର ପଞ୍ଚାୟତ ଏବଂ ବ୍ଲକ ସ୍ତରର ପ୍ରସ୍ତାବ ଆଣି ଏହାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ବୁଗୁଡ଼ା,୪।୮(ଡି.ଏନ.ଏ.)**

ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ୨୧ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟା ମନ୍ଦିରର ଶିଶୁ ବର୍ଗରେ ୩୪ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ପ୍ରାଥମିକ ବର୍ଗରେ ୪୧, ବାଲ ବର୍ଗରେ ୨୪ ଓ କିଶୋର ବର୍ଗରେ ୧୫ ଏପରି ମୋଟ ୧୧୪ ପ୍ରକଳ୍ପ ସ୍ଥାନ ପାଇଥିଲା । ବିଚାରକ ଭାବେ ଶିଶୁ ବର୍ଗରେ ଗଙ୍ଗାଧର ଦାଶ ଓ ବ୍ରଜବନ୍ଧୁ ପ୍ରଧାନ, ପ୍ରାଥମିକ ବର୍ଗରେ ଉମାକାନ୍ତ ବେହେରା ଓ ପଦାରବିନ୍ଦ ରାଉତ, ବାଲ ବର୍ଗ ଓ କିଶୋର ବର୍ଗରେ ପ୍ରଶାନ୍ତ କୁମାର ଗୌଡ଼, ଦେବୀ ପ୍ରସାଦ ମିଶ୍ର ଓ ରୁଦ୍ର ପ୍ରସାଦ ଦାଶ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଧାନାଚାର୍ଯ୍ୟ ମାଧବ ଶତପଥୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ମେଳାର ପୁରସ୍କାର ବିତରଣ ଉତ୍ସବରେ ଉପେନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଣଛାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଗୌଡ଼, ଆଦିତ୍ୟ ପ୍ରଧାନ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଇନ୍ଦିରା ଆବାସରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

**କନିଷି,୪।୮(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ମନ୍ତ୍ରିଡ଼ି ପଞ୍ଚାୟତର ସୀମାଞ୍ଚଳ ରଣା ସିଦ୍ଧଭୈରବୀ ମନ୍ଦିରର ସେବକ ଭାବେ ଆଜକୁ ପ୍ରାୟ ୧୫ ବର୍ଷ ହେଲା ରହିଛନ୍ତି । ସେ ଗରୀବ ଶ୍ରେଣୀର । ଇନ୍ଦିରା ଆବାସ ଗୃହ ପାଇଁ ସୀମାଞ୍ଚଳ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଦରଖାସ୍ତ କରିଥିଲେ ସୁଦ୍ଧା ତାଙ୍କୁ କୌଣସି ସହାୟତା ମିଳୁନାହିଁ । ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ପରିବାରକୁ ନେଇ ଚଳିବା କଷ୍ଟକର ହୋଇପଡୁଛି । ମନ୍ଦିର ପୂଜକ ଭାବେ ଯେତିକି ମିଳୁଛି ସେଥିରେ ଦୁଃଖକଷ୍ଟରେ ପରିବାର ଚଳୁଛି। ବର୍ଷା, ଖରା ଓ ଶୀତରେ ଭଙ୍ଗାଘରେ ବସବାସ କରୁଛୁ ବୋଲି ବୋଲି ସୀମାଞ୍ଚଳ କହିଛନ୍ତି। ଜିଲା ପ୍ରଶାସନ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି । ମନ୍ତ୍ରିଡ଼ି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଲୁ ରେଡ୍ଡୀ ଓ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ଦାସ କହିଛନ୍ତି, ପଞ୍ଚାୟତରୁ ସୀମାଞ୍ଚଳଙ୍କ କାଗଜପତ୍ର ଲେଖି ତୁରନ୍ତ ସହାୟତା ଯୋଗାଇବାକୁ ବ୍ଲକ ପ୍ରଶାସନ ନିକଟକୁ ପଠାଯାଇଛି। ଶୀଘ୍ର ଗୃହ ନିର୍ମାଣ ପାଇଁ ସହାୟତା ଆସିଲେ ଦିଆଯିବ ବୋଲି କହିଛନ୍ତି।



ସୀମାଞ୍ଚଳ ରଣା।

# ରାମଲିଙ୍ଗ ଚୌଡେଶ୍ୱରୀଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୪।୮**

ସ୍ଥାନୀୟ ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ୪ ଦିନିଆ ଶ୍ରୀ ରାମଲିଙ୍ଗ ଚୌଡେଶ୍ୱରୀ ମା'ଙ୍କ ୪୦ତମ ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଦିବସରେ ପଞ୍ଚାମୃତ ଅଭିଷେକ, ମହାପୂଜା, ଦେବୀହୋମ, ସହସ୍ର ଲିଙ୍ଗାର୍ଚ୍ଚନା, ସାମୂହିକ କୁଙ୍କୁମାର୍ଚ୍ଚନା, ରୁଦ୍ରାଭିଷେକ ଓ ଶିବ ପୂଜା ଆଦି ହୋଇଥିଲା । ଉଦ୍‌ଯାପନ ଦିବସରେ ରକ୍ଷା ବନ୍ଧନ ବିସର୍ଜନ, ଆଶୀର୍ବଚନ ବିଧି ପରେ ଚୌଡ଼େଶ୍ୱରୀଙ୍କୁ ନଗର ପରିକ୍ରମା କରାଯାଇଥିଲା । ଶହ ଶହ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇଥିଲେ । ବଜାର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

ସୂଚନାଯୋଗ୍ୟ, ପ୍ରତିବର୍ଷ ଶ୍ରାବଣ ମାସରେ ଏହି ଉତ୍ସବ କେଉଁ ଆବାହମାନ କାଳରୁ ପାଳିତ ହେଉଛି। ମୁଖ୍ୟତଃ ଦେବାଙ୍ଗ (ଡେରା) ଜାତିର ମହିଳାଙ୍କ ସମୁହ କୁଙ୍କୁମ ପୂଜା ମହୋତ୍ସବକୁ ଅଧିକ ଆକର୍ଷଣ କରୁଛି । ସଧବା ମହିଳାମାନେ ପରିବାରର ସୁଖ ସମୃଦ୍ଧି ଏବଂ ଅବିବାହିତ ଯୁବତୀମାନେ ମନଲାଖି ଜୀବନ ସାଥୀ ପାଇବା କାମନା କରିବା ବିଶ୍ୱାସ ଓ ପରମ୍ପରା ରହିଛି । ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ସ୍ଥାପିତ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ ସଭାପତି ତଥା ବିଜେଡି ନେତା ଟି. ଗୋପୀଙ୍କ ସମେତ ପୂଜା କମିଟି ଅଧକ୍ଷ ଡ଼ି. ଶ୍ରୀନିବାସ, କେ. ଲକ୍ଷ୍ମଣ ରାଓ ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ । ଉତ୍ସବ ଅବସରରେ ପ୍ରତିଦିନ ଆନନ୍ଦ ବଜାର ଖୋଲାଯାଇଥିଲା ।



ରାମଲିଙ୍ଗ ଚୌଡେଶ୍ୱରୀଙ୍କ ପୂଜାର୍ଚ୍ଚନା ।

### ■ ଆକ୍ରମଣ ପ୍ରତିଆକ୍ରମଣ ମାମଲା

# ଉଭୟ ଗୋଷ୍ଠୀର ୭ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୪।୮(ଡି.ଏନ.ଏ.)**

ପାଟପୁର ଥାନା ଏରେଣ୍ଡ୍ରା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଆକ୍ରମଣ–ପ୍ରତି ଆକ୍ରମଣ ମାମଲାରେ ରବିବାର ଉଭୟ ଗୋଷ୍ଠୀର ୭ ଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ଜିତେନ୍ଦ୍ର ଓରଫ ଜିତୁନୁ ଏବଂ ଶିବ ବିଶୋୟୀଙ୍କ ସମେତ ଅପର ଗୋଷ୍ଠୀର ଜାହାଜ ବରାଡ଼, ଗଗନ ବରାଡ଼, ସଞ୍ଜୟ ଓରଫ ସଞ୍ଜୁ ବରାଡ଼, ବୁଢୁ ବରାଡ଼ ଓ ମୁନା ସାହୁ। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଗ୍ରାମର ଗଗନ ବରାଡ଼ ବ୍ରହ୍ମପୁର ଜିଲା ଜଜକୋର୍ଟରୁ ଏକ ମାମଲାରେ ସାକ୍ଷ୍ୟ ପ୍ରଦାନ କରି ବାଇକ୍‌ରେ ଘରକୁ ଫେରୁଥିଲେ। ଗାଁର ଗମ୍ବା ଛକ ନିକଟରେ ଜିତୁନୁ, ଶିବ ଦୁଇ ଭାଇ ଗଗନଙ୍କ ବାଇକ୍‌କୁ ଅଟକାଇ ଆକ୍ରମଣ କରିଥିଲେ। ଏହା ଶୁଣି ଅପରଗୋଷ୍ଠୀର ଯୁବକମାନେ ମାରଣାସ୍ତ୍ର ଧରି ଜିତୁନୁଙ୍କ ଘର ପାଖକୁ ଯାଇ ଗାଳିଗୁଲଜ କରିଥିଲେ। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ପାଟପୁର ଥାନାରେ ଏତଲା ଦିଆଯାଇଥିଲା। ଘଟଣାର ତଦନ୍ତ କରି ଆଇଆଇସି ରମେଶ କୁମାର ପ୍ରଧାନ ନଂ. ୧୫୫/୧୯ ଓ ୧୫୬/୧୯ରେ ଦୁଇଟି ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ଶୁଭ୍ରଜିତ ସାମନ୍ତରାୟ ଉଭୟ ଗୋଷ୍ଠୀର ୭ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଏକାଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରାଧୀନ ଥିବା ପୋଲିସ ଅଧିକାରୀ କହିଛନ୍ତି ।

# ଜଳାଭିଷେକ ଲାଗି କାଉଡ଼ିଆଙ୍କ ଯାତ୍ରା

**ପୋଲସରା,୪।୮(ଡି.ଏନ.ଏ.)**

ବୁଗୁଡ଼ା ବୁଦ୍ଧଖୋଲସ୍ଥିତ ଗଙ୍ଗାଧରେଶ୍ୱର ନିକଟରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଆଣି ଷୋଳଘର ଅଭିମୁଖେ ଯାତ୍ରାରମ୍ଭ କରିଥିଲେ। ବୋଲବମ ସଂଘର କାଉଡ଼ିଆମାନେ ଦୀର୍ଘ ୧୬ ବର୍ଷ ଧରି ଜଳାଭିଷେକ କରି ଆସୁଛନ୍ତି। କାଉଡ଼ିଆମାନେ ପ୍ରଥମ କରି ଚକାପାଦରୁ ଆରମ୍ଭ କରି ନୀଳମାଧବ ରାମନାବାଡ଼ି ଉଜଳେଶ୍ୱର, ଧବଳେଶ୍ୱର, ଚନ୍ଦ୍ରକଣ୍ଟେଶ୍ୱର, ଗୁପ୍ତେଶ୍ୱର ଆଦି ସ୍ଥାନରେ ଜଳାଭିଷେକ କରିଥିବା ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି କହିଛନ୍ତି। କାଉଡ଼ିଆମାନଙ୍କ ଯାତ୍ରା ସମୟରେ ସଂଘର ଉପଦେଷ୍ଟା ନରସିଂହ ପଣ୍ଡା, ସମ୍ପାଦକ ଅନନ୍ତ କୁମାର ପଣ୍ଡା, କୋଷାଧକ୍ଷ ସନ୍ତୋଷ କୁମାର ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି, ଅଜିତ ପାଢ଼ୀଙ୍କ ସମେତ ବହୁ କାଉଡ଼ିଆ ସାମିଲ ଥିଲେ ।



ଜଳାଭିଷେକ ଲାଗି ଯାଉଥିବା କାଉଡ଼ିଆମାନେ।

# ବରିଷ୍ଠ ନାଗରିକ, ସାଧାରଣ ଲୋକଙ୍କୁ ସଚେତନ କଲା ପୋଲିସ

**ବ୍ରହ୍ମପୁର ଅଫିସ,୪।୮**

ସହରରେ ଗତ କିଛି ମାସ ଧରି ଚୋରି, ପୋଲିସ ପରିଚୟ ଦେଇ ଅଳଙ୍କାର ଲୁଟ, ସାଇବର ଅପରାଧ ବଢ଼ିବାରେ ଲାଗିଛି। ପୋଲିସକୁ ସେଦିଗରେ ସେତେଟା କିଛି ସଫଳତା ମିଳିପାରିନାହିଁ। ଏଣୁ ରବିବାର ଗୋଷାଣୀନୂଆଗାଁ ଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକ, ଆମ ପୋଲିସ ସମିତି ସଭ୍ୟ ଓ ସାଧାରଣ ଲୋକଙ୍କୁ ନେଇ ପୋଲିସ ପକ୍ଷରୁ ଏକ ଜନ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। କୌଣସି ସ୍ଥାନରେ ଯେ କେହି ବି ପୋଲିସ ପରିଚୟ ଦିଅନ୍ତି ତେବେ ତାକୁ ବିଶ୍ୱାସ କରିବ ନାହିଁ। ଏପରିକି ଧମକଚମକ ଦେଇ ସୁନା ଗହଣା ମାଗିଲେ କିମ୍ବା ସେମାନେ ଧରିଥିବା କାଗଜ କିମ୍ବା କପଡ଼ାରେ ରଖିବା ପାଇଁ କହିଲେ ତାହା ନ କରିବାକୁ ପୋଲିସ ଲୋକମାନଙ୍କୁ ପରାମର୍ଶ ଦେଇଥିଲା। ବିଶେଷକରି ସେହି ସମୟରେ ଉପସ୍ଥିତ ବୁଦ୍ଧି ଖଟାଇ ଯାତାୟାତ କରୁଥିବା ଲୋକଙ୍କ ସହାୟତା ନେବା କିମ୍ବା ପୋଲିସ ପକ୍ଷରୁ ଦିଆଯାଇଥିବା ନମ୍ବର ସହ ଯୋଗାଯୋଗ କରିବାକୁ ଉପସ୍ଥିତ ଥିବା ଲୋକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ଫୋନରେ ଯଦି କୌଣସି ଅଜଣା ବ୍ୟକ୍ତି ବ୍ୟାଙ୍କ ସମ୍ବନ୍ଧୀୟ କିମ୍ବା ଏଟିଏମ୍ ସମ୍ପର୍କରେ ତଥ୍ୟ ମାଗନ୍ତି ତେବେ ତାଙ୍କୁ କୌଣସି ତଥ୍ୟ ନ ଦେବାକୁ ପୋଲିସ ପରାମର୍ଶ ଦେଇଛନ୍ତି।

ବ୍ୟାଙ୍କ କର୍ତ୍ତୃପକ୍ଷ କେବେ ବି କାହାରିକୁ ଫୋନ ଜରିଆରେ କୌଣସି ତଥ୍ୟ ମାଗନ୍ତି ନାହିଁ। ସେହିପରି ପୋଲିସ ମଧ ରାସ୍ତାରେ ଯାଉଥିବା ଲୋକଙ୍କୁ କେବେବି ସେମାନେ ପିନ୍ଧିଥିବା ଅଳଙ୍କାର କିମ୍ବା ଜିନିଷପତ୍ର ରଖିବା ପାଇଁ କାହାରିକୁ କୁହେ ନାହିଁ। ଏଣୁ ଜନସାଧାରଣ ଏଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପୋଲିସ ପରାମର୍ଶ ଦେଇଛି। ସେହିଭଳି ଟାଉନ ଥାନା ପୋଲିସ ପକ୍ଷରୁ ପିସିଆର ଭ୍ୟାନରେ ଥାନା ଇଲାକାରେ ବୁଲି ଲୋକମାନଙ୍କୁ ନକଲି ପୋଲିସ ପ୍ରତି ସାବଧାନ ରହିବା ସହ ସେମାନଙ୍କୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଥିଲା।



ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

**ସହରରେ ବଢୁଛି ଠକେଇ**

## ସଂକ୍ଷେପରେ

### ରେଳଧରଣାରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୪।୮: ବ୍ରହ୍ମପୁର ରେଳବାଇ ପୋଲିସ ରବିବାର ରେଳଷ୍ଟେଶନ ନିକଟ ରାମନଗର ଲେଭଲ କ୍ରସିଂ ରେଳଧରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ (୩୦) ହେବ ବୋଲି ପୋଲିସ ଅନୁମାନ କରୁଛି। ମୃତଦେହ ଜବତ କରି ପୋଲିସ ନଂ.୨୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକ ଜଣକ ରେଳ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ସେ ଜଣେ ମାନସିକ ରୋଗୀ ଥିବା ମଧ୍ୟ ପୋଲିସ କହିଛି।

### ଯାନବାହନ ଯାଞ୍ଚ, ଜରିମାନା ଆଦାୟ

ଆସିକା,୪।୮(ଡି.ଏନ୍.ଏ.): ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତା ଗାଙ୍ଗପୁର ଥାନା ଲଣ୍ଡାଜୁଆଲି ଓ କେନ୍ଦୁପଦର ଛକରେ ରବିବାର ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ହେଲମେଟ୍ ପିନ୍ଧି ନ ଥିବା ଓ ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିବା ଯୋଗୁ ବିଭିନ୍ନ ଗାଡି ଚାଳକଙ୍କଠାରୁ ୨୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

ଦିଗପହଣ୍ଡି,୪।୮(ଡି.ଏନ.ଏ.): ଦିଗପହଣ୍ଡି ଏନ୍ଏସି ୨ନଂ. ୱାର୍ଡ ଅଧୀନ ଚିକିଟି ରୋଡ ଲକ୍ଷ୍ମୀନଗର ଗଣପତି ଆପାର୍ଟମେଣ୍ଟରେ ରବିବାର ବିଦ୍ୟୁତ୍ ସର୍ଟ ଶର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଘର କରଣା ସାମଗ୍ରୀ ଜଳିଯାଇଛି। ଭୋର ସାଢ଼େ ୫ଟାରେ ଆପାର୍ଟମେଣ୍ଟରେ ରହୁଥିବା ସୁଷମା ସେଠୀଙ୍କ ବାସଭବନରେ ସର୍ଟଶର୍କିଟରୁ ନିଆଁଲାଗି ଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ମକା ଫସଲରେ ପୋକ ଦମନ ଶିବିର

ଆର.ଉଦୟଗିରି,୪।୮(ଡି.ଏନ.ଏ.):ମକା ଫସଲରେ ଦେଖା ଦେଇଥିବା ପୋକ ଦମନ ପାଇଁ ଆର.ଉଦୟଗିରି ଜିଲା କୃଷି କାର୍ଯ୍ୟାଳୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରୋଗ ପୋକରୁ ଫସଲକୁ କିପରି ରକ୍ଷା କରାଯାଇପାରିବ ସେଥିପାଇଁ ବିଭାଗ କର୍ମଚାରୀ ଓ କୃଷକ ସାଥୀମାନଙ୍କୁ ତାଲିମ ଦିଆ ଯାଇଥିଲା। ଶିବିରରେ ବିଭିନ୍ନ ଗ୍ରାମର କୃଷି ଅଧିକାରୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଶୀଘ୍ର ସବ୍‌ସିଡି ଦରରେ ପୋକମରା ଔଷଧ ଚାଷୀଙ୍କୁ ପ୍ରଦାନ କରିବାକୁ ମୋହନା ବ୍ଲକରୁ ଆସିଥିବା ଉମା ଚରଣ ସାହୁ ଦାବି କରିଥିଲେ।

## ବୈକୁଣ୍ଠନଗର ତୃତୀୟ ଗଳି ବାସିନ୍ଦାଙ୍କ ସମସ୍ୟା

# ମୌଳିକ ସୁବିଧାରୁ ବଞ୍ଚିତ ଅଭିଯୋଗ

ବ୍ରହ୍ମପୁର ଅଫିସ,୪।୮

ବ୍ରହ୍ମପୁର ସହରକୁ ସ୍ୱଚ୍ଛ, ସୁନ୍ଦର ଓ ବିକାଶ ପଥରେ ଆଗେଇ ନେବାକୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ବିଏମ୍‌ସି ଅନ୍ତର୍ଗତ ୨୨ ନଂ. ୱାର୍ଡ ବୈକୁଣ୍ଠନଗର ତୃତୀୟ ଗଳି ଓ ଏକ୍ସଟେନଶନ ଅଞ୍ଚଳବାସୀ ଏବେ ବି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ଗଳି ଶେଷ ଭାଗରେ ସୋଲାର ଚାଳିତ ପମ୍ପଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ଦୀର୍ଘ ମାସ ଧରି ସେଥିରୁ ଜଳଯୋଗାଣ ସ୍ୱାଭାବିକ କରାଯାଉ ନ ଥିବା ଅଞ୍ଚଳବାସୀ କହିଛନ୍ତି।

ଅଞ୍ଚଳବାସୀଙ୍କ କହିବାନୁଯାୟୀ, ୧୦ ବର୍ଷ ଧରି ଏହି ଅଞ୍ଚଳରେ ପ୍ରାୟ ୫୦ ରୁ ୧୦୦ ପରିବାର ବାସ କରୁଛନ୍ତି । କିନ୍ତୁ ଏବେ ସୁଦ୍ଧା ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ବୈକୁଣ୍ଠନଗର ୨ ଲାଇନ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହୋଇଥିବା ବେଳେ ବୈକୁଣ୍ଠନଗର ତୃତୀୟ ଗଳିରେ ଡ୍ରେନ୍ ନିର୍ମାଣ ଅଧାପନ୍ତରିଆ ହୋଇ ପଡିରହିଛି । ଯାହାଦ୍ୱାରା ବର୍ଷାଦିନେ ସାହି ରାସ୍ତା ଜଳମଗ୍ନ ହେଉଛି । କେବଳ ସେତିକି ନୁହେଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳଯୋଗାଣ ନିମିତ୍ତ ଗଳି ଶେଷ ଭାଗରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୋଲାର ଚାଳିତ ପମ୍ପ ହାଉସ ନିର୍ମାଣ କରାଯାଇଛି । କିନ୍ତୁ ଏହାର ପରିଚାଳନା ଦାୟିତ୍ୱରେ ଥିବା ପମ୍ପହାଉସ୍ ଚାଳକ ନିୟମିତ ଆସୁ ନ ଥିବାରୁ ଏକ ବର୍ଷ ହେଲା ଜଳଯୋଗାଣରେ ଅନିୟମିତତା ହେଉଛି । ସ୍ଥାନୀୟ ଲୋକେ ଏନେଇ ଅଭିଯୋଗ କଲେ ମଧ୍ୟ ସେ ଆସୁନାହାନ୍ତି । ଅନ୍ୟପକ୍ଷରେ ପମ୍ପହାଉସ୍ ନିଶିଦ୍ଧାଞ୍ଚଳ କରାଯାଇଥିଲେ ମଧ୍ୟ ଏଥିରେ ତାଲା ପଡୁ ନ ଥିବାରୁ ଅନେକ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଞ୍ଚଳବାସୀ ସନ୍ତୋଷ ସାହୁ କହିଛନ୍ତି । ଫଳରେ ଏହାଦ୍ୱାରା ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହେଉଥିବା ସେ କହିଛନ୍ତି ।


ଲଟାରେ ଘେରି ରହିଥିବା ବିଦ୍ୟୁତ୍ ଖୁଣ୍ଟ ।

- ଲଟାରେ ଲୁଚିଛି ବିଦ୍ୟୁତ୍ ଖୁଣ୍ଟ
- ରାତି ଅନ୍ଧକାରେ ରହୁଛି ଗଳି

ସେହିପରି ଗଳିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମରଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଖୁଣ୍ଟରେ ଗଛଲତା ମାଡି ରହିଥିବା ବେଳେ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ବିଦ୍ୟୁତ୍ ଖୁଣ୍ଟରେ ଷ୍ଟ୍ରିଟ ଲାଇଟ ନ ଥିବାରୁ ଅଞ୍ଚଳ ଅନ୍ଧକାର ହୋଇ ରହୁଥିବା ଅଞ୍ଚଳର ଦଣ୍ଡପାଣି ପଟ୍ଟନାୟକ କହିଛନ୍ତି। ବୈକୁଣ୍ଠନଗର ଦ୍ୱିତୀୟ ଗଳି ପର୍ଯ୍ୟନ୍ତ କର୍ମଚାରୀ ସଫେଇ ପାଇଁ ଆସୁଥିବା ବେଳେ ତୃତୀୟ ଗଳି ଓ ଏହାର ଏକ୍ସଟେନଶନକୁ ସଫେଇ ପାଇଁ କୌଣସି କର୍ମଚାରୀ ଆସୁ ନାହାନ୍ତି । ଏନେଇ ସାଉଥ୍‌କୋ, ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ପଟ୍ଟନାୟକ କହିଛନ୍ତି। ଆଗାମୀ ଦିନରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ କହିଛନ୍ତି ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବ୍ରହ୍ମପୁର ଅଫିସ୍,୪।୮

ଇଣ୍ଡିଆନ୍ ଅର୍ଥୋପେଡିକ୍ ସଂଘ ପକ୍ଷରୁ ସ୍ଥାନୀୟ ଗୋଇଲୁଣ୍ଡିରେ ବୋନ୍ ଆଣ୍ଡ ଜଏଣ୍ଟ୍ସ ଦିବସ ପାଳିତ ହୋଇଯାଇଛି। ୧୯୧୨ରୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ୪ତାରିଖରେ ଏହି ଦିବସ ପାଳନ କରାଯାଇଥାଏ। ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୌଭାଗ୍ୟ କୁମାର ହୋତା ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ୟୁରିକ୍ ଏସିଡ୍, ରକ୍ତ ସର୍କରା, ବୋନ୍‌ମାରୋ ଡେନ୍‌ସିଟି ଆଦି ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ । ମୃଦୁ ପାନୀୟର କୁପ୍ରଭାବ ଶରୀର ବିଶେଷକରି ଅସ୍ଥି ଉପରେ କିଭଳି ଭାବେ ପଡୁଛି, ସେ ସମ୍ପର୍କରେ ସଚେତନ କରିଥିଲେ। ପ୍ରାୟ ୬୦ରୁ ଅଧିକ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ଭାଗନେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଡା. ଯାଜ୍ଞସେନୀ ପଣ୍ଡା ଏଥିରେ ସହଯୋଗ କରିଥିଲେ। ସୀମାଞ୍ଚଳ ପାଢୀ, ସୁଶାନ୍ତ କୁମାର ପାଢୀ, ହୃଷୀକେଶ ପଣ୍ଡା, ବିଶ୍ୱଜିତ ପଣ୍ଡା, ଗିତେଶ କୁମାର ପଟ୍ଟନାୟକ, କାଳୁ ଚରଣ ପଣ୍ଡା, ରବୀନ୍ଦ୍ର କୁମାର ନାୟକ ଏବଂ ବିଷ୍ଣୁ ପ୍ରାସଦ ସାହୁ ଏହାକୁ ପରିଚାଳନା କରିଥିଲେ ।

## ଭାଜପାର ସଦସ୍ୟତା ଅଭିଯାନ, ଚାରାରୋପଣ


ବ୍ରହ୍ମପୁରରେ ଭାଜପାର ଚାରାରୋପଣ କରାଯାଉଛି ।

ବ୍ରହ୍ମପୁର ଅଫିସ,୪।୮

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ରବିବାର ବ୍ରହ୍ମପୁର ଗେଟ ବଜାର ମଣ୍ଡଳର ବିଭିନ୍ନ ସ୍ଥାନରେ ନୂଆ ସଦସ୍ୟତା ଅଭିଯାନ ସହ ପରିବେଶ ସୁରକ୍ଷା ନିମନ୍ତେ ଏବଂ ବିଶ୍ୱ ବନ୍ଧୁତା ଦିବସ ପାଳନ ଅବସରରେ ବ୍ୟାପକ ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଯୋଗ ଦେଇଥିଲେ । ଦଳର ନୀତି ଓ ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଲୋକପ୍ରିୟତା ବୃଦ୍ଧି ନେଇ ମୁଖ୍ୟତଃ ଯୁବଗୋଷ୍ଠୀଙ୍କୁ ସଚେତନ କରାଇଥିଲେ। ଜିଲା ସଭାପତି କାହ୍ନୁ ଚରଣ ପତି କେନ୍ଦ୍ର ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ କୁମାର ସାହୁ, ରାଜେଶ ପାତ୍ର, ସାଧାରଣ ସମ୍ପାଦକ ଗୋପୀନାଥ ପଣ୍ଡା ପ୍ରମୁଖ ସଦସ୍ୟ ସଂଗ୍ରହ କରିଥିଲେ । ବରିଷ୍ଠ ନେତା ଶିଶିର ପାଢ଼ୀ, ମଦନମୋହନ ପାତ୍ର, ଏସ୍. ରାଣୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶତାଧିକ ଯୁବତୀ ଯୁବକଙ୍କୁ ଦଳର ନୂଆ ସଦସ୍ୟ କରାଯାଇଥିବା ସଭାପତି ସୂଚନା ଦେଇଥିଲେ ।

## ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଆସିକା,୪।୮(ଡି.ଏନ୍.ଏ.)

ଆସିକା ଥାନା କରାତଳି ଗ୍ରାମରେ ପଡୋଶୀ ମହିଳାଙ୍କୁ ଆକ୍ରମଣ ଓ ଟଣା ଓଟରା କରିବା ଅଭିଯୋଗରେ ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ସେହି ଗ୍ରାମର ରାଜେନ୍ଦ୍ର ଜେନା। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ମାମଲାର ଅନ୍ୟ ୨ଜଣ ଫେରାର୍ ଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ଗତ ଶୁକ୍ରବାର ଅପରାହ୍ନରେ ମହିଳା ଜଣକ ଘର ବାରଣ୍ଡାରେ ଠିଆ ହୋଇଥିଲାବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରି ଟଣା ଓଟରା କରିଥିବା ନେଇ ସେ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୪୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୪।୮

ବ୍ରହ୍ମପୁର ନିକଟସ୍ଥ ଢଉଗାଁ ବାସୁଦେବ ନୋଡାଲ ହାଇସ୍କୁଲରେ ୫ ଦିନ ଧରି ଚାଲିଥିବା ବାଳିକାଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ପ୍ରଧାନ ଶିକ୍ଷକ ବୃଷକେତୁ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଧରାକୋଟ ବ୍ଲକ ଏବିଇଓ ଗୌରୀଶଙ୍କର ବେହେରା ଅତିଥି ଭାବେ ଯୋଗଦେଇ ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସୁପର୍ଣ୍ଣା ପ୍ରଧାନ ଓ ପ୍ରଭାତୀ କାମ୍ପ ପ୍ରଶିକ୍ଷଣ ଦେଇଥିଲେ । ଶିକ୍ଷକ ବିଜୟ କୁମାର ଜେନା, ପ୍ରଭାତ କୁମାର ପାଢୀ ଏହାକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଭାତୀ ପାଠୀ ଓ ରେଣୁକା ଦାଶ ସହଯୋଗ କରିଥିଲେ । ଏଥିରେ ପ୍ରାୟ ୫୦ ଶିବିରାର୍ଥୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେଇଥିଲେ ।

## ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଅଫିସ,୪।୮

ଗଞ୍ଜାମ କଳା ପରିଷଦରେ ତ୍ରିଧାରା ସାହିତ୍ୟ ସଂସଦ ଜିଲା ଶାଖା ମାସିକ ସାହିତ୍ୟ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି । ଗବେଷକ ଭେଙ୍କଟ ବିହାରୀ ପ୍ରହରାଜ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉପସଭାପତି ଉମାଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ପ୍ରଣବନାଥ ପାଙ୍ଗଶାଣୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ଲକ୍ଷ୍ମୀଚରଣ ବିଦ୍ୟାଶଙ୍କର ପ୍ରହରାଜ ପ୍ରବନ୍ଧ ପାଠ କରିଥିଲେ। ସତ୍ୟମ୍ ଆଚାରୀ, ପ୍ରଫୁଲ୍ଲ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ସୁଜାତା ଶତପଥୀ ପରିଚାଳନା କରିଥିଲେ। ଏଥିରେ ପ୍ରକାଶ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିବା ବେଳେ ସୌଦାମିନୀ ମିଶ୍ର ଓ ଲୋକନାଥ ନାୟକ କବିତାଗୁଡିକର ସଂଯୋଜନା କରିଥିଲେ । ଅମିୟ ରଞ୍ଜନ ଦାଶ, ତପସ୍ୱିନୀ ଆଚାର୍ଯ୍ୟ ଓ କାଳିନ୍ଦୀ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ଓ ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ମନୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

## ସହରତଳି ଅଞ୍ଚଳ ବିଏମ୍‌ସିରେ ସାମିଲ ଦାବି ପ୍ରସଙ୍ଗ

# ଏମ୍‌ପିଙ୍କୁ ଭେଟିଲେ ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା

ବ୍ରହ୍ମପୁର ଅଫିସ,୪।୮

ବ୍ରହ୍ମପୁର ସନ୍ନିକଟ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରେ ସାମିଲ ଦାବି ନେଇ ଗଠିତ ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ରବିବାର ପୁଣି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି । ଦୀର୍ଘ ମାସ ଧରି ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ କରିବାକୁ କମିଟି ପକ୍ଷରୁ ଚଳାଇ ଆସୁଥିବା ଆନ୍ଦୋଳନ ସମ୍ପର୍କରେ ପୁନର୍ବାର କର୍ମକର୍ତ୍ତାମାନେ ଏମ୍‌ପିଙ୍କୁ ଅବଗତ କରାଇଥିଲେ। ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ କରାଯିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ କର୍ମକର୍ତ୍ତାମାନେ ଅନୁରୋଧ କରିଥିଲେ । ଏଥିସହ ଆସନ୍ତା ୧୧ରେ କମିଟି ପକ୍ଷରୁ ଏକ ଆଲୋଚନା ବୈଠକ ଆୟୋଜନ କରାଯିବାକୁ ନେଇ କର୍ମକର୍ତ୍ତାମାନେ ଏମ୍‌ପିଙ୍କୁ ଅବଗତ କରାଇଥିଲେ । ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ବିଏମ୍‌ସିରେ ସହରତଳି ଅଞ୍ଚଳଗୁଡିକୁ ସାମିଲ କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏମ୍‌ପି ସୂଚାଇଥିବା କମିଟି ସଭାପତି ସଞ୍ଜୀବ ପଟ୍ଟନାୟକ କହିଛନ୍ତି । ଏମ୍‌ପିଙ୍କ ସହ ଆଲୋଚନା ବେଳେ କମିଟି କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପରିଚ୍ଛା, ଉପସଭାପତି ହରିହର ନାୟକ, ଏମ୍. ପ୍ରକାଶ ପାତ୍ର, ଲକ୍ଷ୍ମଣ ପାତ୍ର, କାହ୍ନୁଚରଣ ପତି, ସିଏଚ ରାମକୃଷ୍ଣ ଦାଶ, ବିଷ୍ଣୁ ସାହୁ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୧୧ ଶିଶୁ ଶ୍ରମିକ ଉଦ୍ଧାର

ଗୋପାଳପୁର,୪।୮

ପରି–୩ ଅପେରଶନରେ ଗୋପାଳପୁର ଥାନା ପୋଲିସ ରବିବାର ବିଭିନ୍ନ ସ୍ଥାନରୁ ୧୧ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଥାନା ନାରାୟଣପୁର, ଏନ୍ଏସି ଅଞ୍ଚଳ, କରାପଲୀ ହୋଟେଲ, ଗ୍ୟାରେଜ ଓ ଅନ୍ୟ ଦୋକାନଗୁଡ଼ିକରେ ଶିଶୁମାନେ ଶ୍ରମିକ ଭାବେ କାମ କରୁଥିଲେ। ମଧ୍ୟାହ୍ନରେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଉକ୍ତ ଗ୍ରାମରେ ଚଢ଼ାଉ କରି ୨ ନାବାଳିକା ଓ ୯ ନାବାଳକଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଆଗମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଥାନାଧିକାରୀ କହିଛନ୍ତି।

## ସ୍କେଟିଂ ଏକାଡ଼େମିର ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର ଅଫିସ୍,୪।୮

କାଳୁ ପାତ୍ର ସାହି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମପୁର ସ୍କେଟିଂ ଏକାଡେମି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଟି.ଅନିଲ କୁମାର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଥମେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଏକାଡ଼େମିର କୃତୀ ସ୍କେଟର୍‌ଙ୍କ ସମେତ ଅନ୍ତର୍ଜାତୀୟ ଭାରୋତ୍ତୋଳକ ଭକ୍ତରାମ ଦେସ୍ତି ଏବଂ ତାଙ୍କ କୋଚ୍ ସୀତା କୁମାରୀ ଜେନା, ଶିଳ୍ପୀ ସତ୍ୟନାରାୟଣ ମହାରଣା ଏବଂ ୟୁନିଫାଇଡ୍ ସାଇବର୍ ଅଲମ୍ପିଆଡ୍‌ରେ କୃତିତ୍ୱ ଅର୍ଜନ କରିଥିବା ସ୍କେଟର୍ ଏ.ଧନୁଷ ଓ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍କେଟର୍ ଏସ୍. ସାହିଲ କୁମାର ପୃଷ୍ଟିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏକାଡ଼େମିର ସଫଳତାକୁ ନେଇ ପ୍ରସ୍ତୁତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଜୟ ଚନ୍ଦ୍ର ସାମଲ, ତାରିଣୀ ସାହୁ, ବାଳକୃଷ୍ଣ ପାତ୍ର, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ, ଦୁର୍ଗା ପଣ୍ଡା ଏବଂ ତେଜେଶ୍ୱର ସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ । ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ର ଧନ୍ୟବାଦ ଦେଇଥିଲେ। ଏକାଡ଼େମି କୋଚ୍ ବିଭୂତି ଜେନା ଏହାକୁ ସଂଯୋଜନା କରିଥିଲେ ।



ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ବୃକ୍ଷ ହିଁ ମଣିଷର ଶ୍ରେଷ୍ଠ ବନ୍ଧୁ

ବ୍ରହ୍ମପୁର ଅଫିସ,୪।୮

ନିଜ ଜୀବନକାଳ ମଧ୍ୟରେ ମଣିଷକୁ ପ୍ରତ୍ୟେକ ସମୟରେ ସାହାଯ୍ୟ କରିଥାଏ ବୃକ୍ଷ । ଖାଦ୍ୟଠାରୁ ଆରମ୍ଭ କରି ଔଷଧ, ପ୍ରଶ୍ୱାସ ନେବା ପାଇଁ ଅମ୍ଳଜାନଠାରୁ ଆରମ୍ଭ କରି ଛାଇ । ପ୍ରତିବଦଳରେ ସେ କିଛି ଚାହେଁନା। ବୃକ୍ଷ କାହାର ଅନିଷ୍ଟ ମଧ୍ୟ କରେନାହିଁ । ଏଣୁ ବୃକ୍ଷ ମଣିଷର ଶ୍ରେଷ୍ଠ ବନ୍ଧୁ ବୋଲି ରବିବାର ବିଶ୍ୱ ବନ୍ଧୁତା ଦିବସ ଅବସରରେ ଅତିଥିମାନେ ମତ ଦେଇଛନ୍ତି । ବ୍ରହ୍ମପୁର ସବୁଜ ବାହିନୀ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାମଲିଙ୍ଗମ୍ ମନ୍ଦିର ସମ୍ମୁଖରେ ଥିବା ଶତାୟୁ ବରଗଛକୁ ବନ୍ଧୁ ଭାବେ ଗ୍ରହଣ କରାଯାଇଥିଲା । ପ୍ରଥମେ ପୂର୍ଣ୍ଣ କଳସ, ପୁଷ୍ପ, ଚନ୍ଦନ ଓ ବେଦଧ୍ୱନିରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ବିଧାୟକ ବିକ୍ରମ ପଣ୍ଡା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଏବଂ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଯୋଗ ଦେଇଥିଲେ। ଜିଲା ଇକୋ କ୍ଲବ ସଂଯୋଜକ ଡ.ଶଙ୍କର ନାରାୟଣ ବେଜ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାୟୁ ବଟ ବୃକ୍ଷକୁ ଫୁଲ, ଚନ୍ଦନ, ବସ୍ତ୍ର ଦେଇ ପୂଜା ପୂର୍ବକ ବନ୍ଧୁତ୍ୱର ଡୋର ବନ୍ଧା ଯାଇଥିଲା । ଏମ୍‌ପି ସାହୁ ସମସ୍ତ ପରିବେଶ ପ୍ରେମୀ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବୃକ୍ଷ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। ଜିଲାପାଳ କୁଲାଙ୍ଗେ ଚାରାରୋପଣ କରିବା ସଙ୍ଗେସଙ୍ଗେ ଏହାର ସୁରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହାପରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ସମସ୍ତ ଅତିଥିମାନେ ଚାରା ରୋପଣ କରିଥିଲେ । ସେଠାରୁ ଅତିଥିମାନେ ଏକ ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ମହାନଗର କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍.ଦିଲୀପ କୁମାର, ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଧୀର ରାଉତ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ମାରୱାଡି ମହିଳା ସମିତି ସଭାନେତ୍ରୀ ମମତା ଚୌଧୁରୀ, ସମ୍ପାଦିକା ରୁବି ଖେମାଣି, ବର୍କିଂ ଓଡିଶାର ସମ୍ପାଦକ କବିରାଜ ଗୌଡ଼, ସବିତା ସାହୁକାର, ବନମାଳୀ ପ୍ରଧାନ, ଅରବିନ୍ଦ ଦେଶୀବେହେରା, ଦୀପକ କୁମାର ଏବଂ ସମସ୍ତ ଅନୁଷ୍ଠାନ ଓ ନେଚର୍‌ସଲଭର୍ସ ଓଡିଶାର ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ବୃକ୍ଷରେ ବନ୍ଧୁତାର ଡୋର ବାନ୍ଧୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ସୋମବାର, ଅଗଷ୍ଟ ୫/୨୦୧୯ | Berhampur, Monday, August 5/2019




■ ଚାନ୍ଦିପୁଟ ପଞ୍ଚାୟତ ବୁରନାଳ

# ବିପଦପୂର୍ଣ୍ଣ ପୋଲରେ ହେଉଛି ଯାତାୟାତ

ଶ୍ରୀହରି ପ୍ରଧାନ

ଚନ୍ଦ୍ରଗିରି,୪।୮(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବର୍ତ୍ତମାନ ମଧ୍ୟ ନଦୀ/ନାଳ ଉପରେ ପୋଲଟିଏ ନ ଥିବାରୁ ଲୋକେ କାଠପୋଲରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ମୋହନା ବ୍ଲକ ଚାନ୍ଦିପୁଟ ପଞ୍ଚାୟତର ବାଙ୍କିଖୋଲା ଗ୍ରାମରେ। ଗ୍ରାମକୁ ସଂଯୋଗ କରୁଥିବା ବୁରନାଳରେ ଥିବା ଭଙ୍ଗା ପୋଲରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ସମସ୍ତ ଜନସାଧାରଣ ନୀତିଦିନ ଯିବାଆସିବା କରନ୍ତି। ବହୁ ବର୍ଷ ଧରି ବାଙ୍କିଖୋଲା, ଚଡିଆପଦା, ଜକରାପଲି ଗ୍ରାମ ସମେତ ୪ ପଞ୍ଚାୟତର ଲୋକେ ଦୈନନ୍ଦିନ ବଜାର ଯିବା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଗମନାଗମନ ପାଇଁ ଚାନ୍ଦିପୁଟ ପୋଲ ଉପରେ ନିର୍ଭର କରିଆସୁଛନ୍ତି। ଗତ ଫାଇଲିନ ବାତ୍ୟାରେ ଏହି ପୋଲଟିର ଦୁଇ କୂଳ ଖାଇଯାଇଥିବାରୁ ଏହା ଉପରେ କାଠ ପୋଲ ପକାଇ ଯାତାୟାତ କରୁଥିଲେ ଲୋକେ। କିନ୍ତୁ ତିତ୍‌ଲି ବାତ୍ୟାରେ ପୋଲଟିର ଛାତ ଭାସିଯାଇଥିଲା। ସେହି ଦିନଠାରୁ ଅଞ୍ଚଳବାସୀ ସେହି ଭଙ୍ଗା ପୋଲ ଉପରେ କାଠ ପକାଇ ବିପଦପୂର୍ଣ୍ଣ ଭାବେ ଯତାୟାତ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ନାଳର ଜଳସ୍ତର ବଢ଼ିଗଲେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ଉକ୍ତ ରାସ୍ତା ଉପରେ ପୁନଃ ପୋଲ ନିର୍ମାଣ ପାଇଁ ବହୁ ଜନପ୍ରତିନିଧିଙ୍କ ସମେତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ମୋହନା ବିଡିଓ ବଂଶୀଧର ଖୋସଲାଙ୍କୁ ପଚାରିବାରୁ ୨ ଦିନ ମଧ୍ୟରେ ସହକାରୀ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ପୁନଃ ପୋଲଟି ନିର୍ମାଣ ପାଇଁ କେତେ ଟଙ୍କା ବ୍ୟୟ ହେବ ଅନୁଧ୍ୟାନ କରି ଜିଲାପାଳଙ୍କୁ ଜଣାଇ ନିର୍ମାଣ କରାଯିବ ବୋଲି ପ୍ରତଶ୍ରୁତି ଦେଇଛନ୍ତି।


କାଠପୋଲରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଲୋକମାନେ।

# ମହିଳାଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ

## ସ୍ୱାମୀ ସହ ଶ୍ୱଶୁର, ଶାଶୁ ଅଟକ

ବୁଗୁଡ଼ା,୪।୮(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଗହଙ୍ଗୁ ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ତଣ୍ଟି କାଟି ହତ୍ୟା ଉଦ୍ୟମ କରିଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ବାପାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ପୋଲିସ ନଂ. ୧୫୪/୧୯ରେ ଏକ ମାମଲା ରୁଜୁ କରିଛି। ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ଘଟଣାର ତଦନ୍ତ କରି ମହିଳାଙ୍କ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛନ୍ତି। ପ୍ରକାଶ ଯେ, ଦୁଇ ବର୍ଷ ପୂର୍ବେ ଭଞ୍ଜନଗର ଥାନା ବିରୁଳି ଗ୍ରାମର ରମେଶ ବେହେରାଙ୍କ ଝିଅ ରୁପାଲିଙ୍କ ବୁଗୁଡ଼ା ଥାନା ଗହଙ୍ଗୁ ଗ୍ରାମରେ ବିବାହ ହୋଇଥିଲା। ବିବାହର ୩ ମାସ ପରେ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ତାଙ୍କୁ ଶାରୀରିକ ନିର୍ଯାତନା ଦେଉଥିଲେ। ଏଥିପାଇଁ ରୁପାଲି ବାପ ଘରକୁ ଚାଲି ଆସିଥିଲେ। ପରେ କୁଳ ସଭାର ନିଷ୍ପତ୍ତି ଅନୁଯାୟୀ ଗତ ୨ ମାସ ହେବ ରୁପାଲିଙ୍କ ସ୍ୱାମୀ ତାଙ୍କୁ ଘରକୁ ନେଇଥିଲେ। ଶନିବାର ରାତିରେ ଶ୍ୱଶୁର ଘର ଲୋକେ ୮୦ ହଜାର ଟଙ୍କା ଯୌତୁକ ଆଣିବାକୁ ରୁପାଲିଙ୍କୁ ପୁଣି ବାଧ୍ୟ କରିଥିଲେ। କିନ୍ତୁ ବୋହୂ ରାଜି ନ ହେବାରୁ ସମସ୍ତେ ମିଶି ତାଙ୍କୁ ମାଡ଼ ମାରିବା ସହ ମାଡ଼ିବସି ତଣ୍ଟି କାଟିବାକୁ ଉଦ୍ୟମ କରିଥିଲେ। କିନ୍ତୁ ରୁପାଲି କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ଏହା ଶୁଣି ରୁପାଲିଙ୍କ ବାପା ପହଞ୍ଚି ଝିଅକୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଥାନାରେ ଏତଲା ଦେଇଥିଲେ।

# ଟ୍ୟାଙ୍କର ଧକ୍କାରେ ବୃଦ୍ଧ ଗୁରୁତର

ହିଞ୍ଜିଳିକାଟୁ,୪।୮(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆ ଛକଠାରେ ରବିବାର ପୂର୍ବାହ୍ନରେ ଏକ ତୈଳ ଟ୍ୟାଙ୍କର ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ବଇଁଚବଣିଆ ଅଞ୍ଚଳର ନକୁଳ ଭୁୟାଁ (୭୫)। ସ୍ଥାନୀୟ ଲୋକେ ନକୁଳଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପୋଲିସ ଟ୍ୟାଙ୍କର ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ